# ବିଶ୍ୱ ନାଟ୍ୟ ଦିବସରେ ବିଶ୍ୱ ନାଟ୍ୟ ବାର୍ତ୍ତା – ୨୦୨୫

## ଶ୍ରୀ ଥିଓଡୋରୋସ୍ ତେର୍ଜୋପୋଲୋସ୍ (ଗ୍ରୀସ) ଦ୍ୱାରା ବିଶ୍ୱ ବାର୍ତ୍ତା - 2025

ଆଜିର ଅଭାଷୀ ବା ଅପ୍ରାକୃତିକ ଭାବେ କମ୍ପିଉଟର ଦ୍ୱାରା ତିଆରି (ଭର୍ଚୁଆଲ) ସତ୍ୟର କୋଠରୀ ଭିତରେ ବନ୍ଦ ହୋଇଥିବା, ଅଥଚ ବ୍ୟକ୍ତିଗତ ସତ୍ତା ଭିତରେ ଅନୁପ୍ରବେଶ ହୋଇସାରିଥିବା ଅବସ୍ଥା ସମୟରେ, ପୃଥିବୀର ଅତ୍ୟନ୍ତ ଗରିବ ମଣିଷର ବଞ୍ଚିବାର ଶେଷ ଚିତ୍କାର ଥିଏଟର କ'ଣ ଶୁଣିପାରିବ ? ପୁଣି ଦମନର ଏକଛତ୍ରବାଦୀ ବ୍ୟବସ୍ଥା ଭିତରେ, ଜୀବନବ୍ୟାପୀ ନିୟନ୍ତ୍ରିତ ଜନ୍ତ୍ର ମାନବର ଅସ୍ତିତ୍ୱ ଥିବା ଏଇ ଦୁନିଆରେ? ପରିବେଶ ନଷ୍ଟ, ପୃଥିବୀର ତାପମାନ ବୃଦ୍ଧି, ବ୍ୟାପକ ଜୈବ ବିବିଧତା ନଷ୍ଟ, ସମୁଦ୍ର ପ୍ରଦୂଷଣ, ବରଫ ତରଳିବା, ବଢୁଥିବା ଜଙ୍ଗଲର ନିଆଁ ଏବଂ ଅତ୍ୟଧିକ ପାଣିପାଗ ଜନିତ ଦୁର୍ଘଟଣା ବିଷୟରେ ଥିଏଟର ଚିନ୍ତିତ କି? ଥିଏଟର ପରସ୍ପର ସହ ସଂଶ୍ଳିଷ୍ଟ ଜୈବ ସମାଜ ସହ ଥିବା, ଏଇ ପ୍ରାକୃତିକ ପରିବେଶର ଏକ ସକ୍ରିୟ ଅଂଶ ହୋଇପାରିବ କି? ଥିଏଟର ଅନେକ ବର୍ଷ ଧରି ଏଇ ପୃଥିବୀ, ମଣିଷମାନଙ୍କ ଦ୍ୱାରା କେତେ ପ୍ରଭାବିତ ଦେଖିଆସୁଛି, କିନ୍ତୁ ଏହି ସମସ୍ୟାର ମୁକାବିଲା କରିବା କଷ୍ଟକର, ଏହା ବି ଦେଖୁଛି । ଏକବିଂଶ ଶତାବ୍ଦୀରେ ଯେଉଁଭଳି ଭାବେ ମଣିଷର ଜୀବନକୁ ରୂପ ଦିଆଗଲା ଓ ଯେପରି ନାଗରିକମାନେ ରାଜନୈତିକ ଶକ୍ତି ଓ ଅର୍ଥନୈତିକ ସ୍ୱାର୍ଥ, ଗଣମାଧ୍ୟମ ଏବଂ ମତାମତ ତିଆରି କରୁଥିବା କମ୍ପାନୀମାନଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି, ତାକୁ ନେଇ ନାଟକ ଚିନ୍ତିତ କି ? ଯେଉଁଠି ସୋସିଆଲ ମିଡିଆ ବା ସାମାଜିକ ଗଣ ମାଧ୍ୟମ, ଯେହେତୁ ସେମାଙ୍କ ଦ୍ୱାରା ପରିଚାଳିତ, ସେଠାରେ ଦିଆଯାଉଥିବା ଯୋଗଯୋଗର ସୁଯୋଗ ଏକ ବାହାନା ମାତ୍ର । କାରଣ, ସେମାନେ ଆବଶ୍ୟକ ସୁରକ୍ଷିତ ଦୂରତା ରଖିବା ବି ଜାଣନ୍ତି । ସେମାନଙ୍କ ବାବଦରେ ପ୍ରଚାରିତ ଭୟର ଧାରଣା, ଭିନ୍ନ ଓ ଅପରିଚିତ କେହି, ଆମ ଚିନ୍ତାଧାରା ଏବଂ କାର୍ଯ୍ୟଉପରେ ଆଧିପତ୍ୟ ରଖୁଛି । ଏହି ପ୍ରକାର ଆଘାତର ସ୍ରୋତକୁ ବିଚାରକୁ ନନେଇ ବା ଭୁଲି ଯାଇ, ଥିଏଟର ଆମ ଭିତରେ ଥିବା ପାର୍ଥକ୍ୟ ଭିତରେ ସାଥି ହୋଇ ବଞ୍ଚିବା ପାଇଁ, ଏକ କର୍ମଶାଳା ଭାବରେ କାର୍ଯ୍ୟ କରିପାରିବ କି? ଏହି ଘାତ-ଆଘାତର ସ୍ରୋତ ଆମକୁ ଏକ କିମ୍ବଦନ୍ତୀ ପୁନଃନିର୍ମାଣ କରିବାକୁ ନିମନ୍ତ୍ରଣ କରୁଛି । ହେନର ମୁଲରଙ୍କ ଭାଷାରେ-"କିମ୍ବଦନ୍ତୀ ହେଉଛି ଏକ ସମାହାର, ଏକ ବ୍ୟବସ୍ଥା ଯେଉଁଠି ଗୋଟିଏ ସହ ନୂତନ ଏବଂ ବିଭିନ୍ନତାକୁ ସଂଯୋଗ କରାଯାଇପାରିବ । ସାଂସ୍କୃତିକ କ୍ଷେତ୍ରରେ ବିସ୍ଫୋରଣ ନ ହେବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟାର ଗତି ବଢି ଚାଲିବାର ଶକ୍ତି ବହନ କରେ ।" ଏହି ତତ୍ତ୍ୱରେ ମୁଁ ବର୍ବରତାର କ୍ଷେତ୍ର ସହ ଯୋଡିବି । ନାଟକର ଆଲୋକର ଉତ୍ସ ଏହି ସବୁ ସାମାଜିକ ମାନସିକ ଆଘାତ ଉପରେ ଆଲୋକପାତ କରିପାରିବ କି ? ଏବଂ ଏ ସବୁ ଉପରେ ବିଭ୍ରାନ୍ତି ସୃଷ୍ଟିକାରୀ ଆଲୋକପାତକୁ ରୋକୀ ପାରିବ କି? ଏହି ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ପାଇବାକୁ, ଅନୁମତି ଦିଆଯାଇ ନଥାଏ । ସେଇଥିପାଇଁ ତ ଥିଏଟର ତିଷ୍ଠି ରହିଛି, ତେଣୁ ସେଇ ଉତ୍ତରବିହୀନ ପ୍ରଶ୍ନଗୁଡିକୁ ଧନ୍ୟବାଦ । ପୃଷ୍ଠାଏ କି ଦୁଇ ପୃଷ୍ଠାର ପ୍ରଶ୍ନ ଯାହା, ବିଶ୍ୱ ନାଟ୍ୟ ଦିବସ ପରି ଦିନେ ବିଶିଷ୍ଟ ଡାୟୋନିସସଙ୍କ ମନରେ ଉଦ୍ଗିରଣ ହୋଇଥିଲା, ଯେବେ ତାଙ୍କ ଜନ୍ମସ୍ଥାନ ବାଟେ ପ୍ରାଚୀନ ଥିଏଟରର ଏକ ସଙ୍ଗୀତଜ୍ଞ ଦଳ ବାଜା ବଜେଇ ଯାଇଥିଲେ, ଓ ଯୁଦ୍ଧର ଦୃଶ୍ୟପଟ୍ଟରେ ସେ ଜଣେ ନୀରବ ଶରଣାର୍ଥୀ ଭାବେ ଜୀବନ ଯାତ୍ରା ଜାରି ରଖିଥିଲେ । ଆସନ୍ତୁ ସେଇ ନାଟକର କିମ୍ବଦନ୍ତୀ ଦେବତା ଡିଓନିସସଙ୍କ ଦୃଷ୍ଟିକୋଣ ଉପରେ ନଜର ପକେଇବା, ଯିଏ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକାଠି କରି ପାରିଥିଲେ; ଜେୟସ ଓ ସେମେଲ ଦ୍ୱାରା ପରିବର୍ତ୍ତନଶୀଳ ପରିଚୟରେ ପରିପ୍ରକାଶ ହୋଇଥିବା ଯୋଗଜନ୍ମା ଶିଶୁ ପରି; ଯିଏ ହେଇପାରେ ନାରୀ ବା ପୁରୁଷ, କ୍ରୋଧ ଏବଂ ଦୟା, ଦିବ୍ୟ ଏବଂ ପଶୁ; ଏକ ପାଗଳାମି ଓ ତର୍କ ଭିତରର ଏକ ସୀମା, ଶୃଙ୍ଖଳା ଓ ବିଭ୍ରାଟ, ଯେମିତିକି ଜୀବନ ଓ ମୃତ୍ୟୁ ମଧ୍ୟରେ ଥିବା ସୀମାରେ ଏକ କସରତ ଚାଲିଛି । ଡାୟୋନିସସ୍ ଏକ ମୌଳିକ ତାତ୍ତ୍ୱିକ ପ୍ରଶ୍ନ କରିଛନ୍ତି - "ଏସବୁର ଅର୍ଥ କ'ଣ?" । ଏହି ପ୍ରଶ୍ନ ସୃଷ୍ଟିକର୍ତ୍ତାମାନଙ୍କୁ ମୂଳ ଏବଂ ମାନବ ରହସ୍ୟର କିମ୍ବଦନ୍ତୀ ମାନଙ୍କରେ ଥିବା ଏକାଧିକ ଦିଗ ବିଷୟରେ ଗଭୀରତମ ଅନୁସନ୍ଧାନ କରିବାକୁ ବାଧ୍ୟ କରେ । ବର୍ତ୍ତମାନର ମଧ୍ୟଯୁଗୀୟ ବହୁମୁଖୀ ଏକଛତ୍ରବାଦରୁ ଉଦ୍ଧାର ପାଇବା ପାଇଁ, ପୁରୁଣା ସ୍ମୃତି ଗୁଡିକୁ ବିକଶିତ କରିବା ଏବଂ ଏକ ନୂତନ ନୈତିକ ଓ ରାଜନୈତିକ ଦାୟିତ୍ୱକୁ ରୂପ ଦେବା ଉଦ୍ଦେଶ୍ୟରେ, ଆମକୁ ନୂତନ ପ୍ରଚାରର ଉପାୟ ପାଇବାର ଆବଶ୍ୟକତା ରହିଛି ।

*[ମୂଳ ଗ୍ରୀକ୍ ଭାଷାରୁ ଇଂରାଜୀ ଅନୁବାଦ: ୟିଓଲା କ୍ଲିଟୁ / ଇଂରାଜୀ ର ଓଡିଆ ଅନୁବାଦ ସୁବୋଧ, ନାଟ୍ୟ ଚେତନା]*



**ଶ୍ରୀ ଥିଓଡୋରୋସ୍ ଟେର୍ଜୋପୋଲୋସ୍ ଗ୍ରୀସ ଦେଶର ଜଣେ ସୁନାମୀ ନାଟ୍ୟ ନିର୍ଦ୍ଦେଶକ, ଶିକ୍ଷକ, ଲେଖକ, ଆଟିସ୍ ଥିଏଟର କମ୍ପାନୀର ପ୍ରତିଷ୍ଠାତା ଓ କଳାତ୍ମକ ନିର୍ଦ୍ଦେଶକ, ଥିଏଟର ଅଲିମ୍ପିକ୍ସର ପ୍ରୋତ୍ସାହକ ଏବଂ ଇଣ୍ଟରନ୍ୟାସନାଲ କମିଟି ଅଫ୍ ଥିଏଟର ଅଲିମ୍ପିକ୍ସର ଅଧ୍ୟକ୍ଷ ।**